# NATIONAL NEWS BULLETIN (ODIA)

## 30 July - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି, କହିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।
- ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ କରାଯିବାର କୌଣସି ପ୍ରସ୍ତାବ ନାହିଁ ବୋଲି ସ୍ପଷ୍ଟ କଲେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ।
- କେରଳ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ୯୩କୁ ବୃଦ୍ଧି ।
- ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀ ଠାରେ ପହଞ୍ଚିବେ ଭିଏତ୍‌ନାମ୍ ପ୍ରଧାନମନ୍ତ୍ରୀ ।

ଏବଂ

- ଚଳିତ ଶୃଙ୍ଖଳାର ତୃତୀୟ ଟି-ଟ୍ୱେଣ୍ଟିରେ ଆଜି ସନ୍ଧ୍ୟାରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା ।

## ବଜେଟ୍ ଆଲୋଚନା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସରକାର ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ୪ ଦଶମିକ୍ ୫ ପ୍ରତିଶତରୁ ନିମ୍ନ ରଖିବା ପାଇଁ ପଦକ୍ଷେପ ନିଆଯାଇଛି । ଲୋକସଭାରେ ଆଜି ବଜେଟ୍ ସଂକ୍ରାନ୍ତ ଆଲୋଚନାର ଉତ୍ତର ଦେଇ ସେ କହିଛନ୍ତି, କୋଭିଡ୍ ମହାମାରୀ ପରେ ଭାରତ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଅର୍ଥନୈତିକ ପ୍ରଗତି ହାସଲ ଦିଗରେ ବିଭିନ୍ନ ବର୍ଗର ସହଯୋଗକୁ ମଧ୍ୟ ଅର୍ଥମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଗତ ୩ ବର୍ଷ ମଧ୍ୟରେ ଭାରତ ବିଭିନ୍ନ କ୍ଷେତ୍ରରେ ଅର୍ଥନୈତିକ ପ୍ରଗତି ହାସଲ କରିଛି ବୋଲି ସେ ସୂଚନା ଦେଇଛନ୍ତି ।

## ଲୋକସଭା-ବଜେଟ୍ ଆଲୋଚନା

ଲୋକସଭାରେ ଆଜି ୨୦୨୪-୨୫ ସାଧାରଣ ବଜେଟ୍ ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇ ବିଜେପିର ଦେବେନ୍ଦ୍ର ସିଂହ କହିଥିଲେ, ଏହି ବଜେଟ୍ ଦେଶକୁ ସମାବେଶୀ ଅଭିବୃଦ୍ଧି ଦିଗରେ ଆଗେଇ

ନେବ । କେନ୍ଦ୍ର ସରକାର କୃଷକମାନଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ତଦନୁଯାୟୀ କେନ୍ଦ୍ର ବଜେଟ୍‌ରେ କୃଷି କ୍ଷେତ୍ରକୁ ପ୍ରମୁଖ ଆବଣ୍ଟନ କରାଯାଇଛି । ସାରା ଦେଶରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବାରେ ଏହି ବଜେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ ।

ବଜେଟ୍ ସପକ୍ଷରେ ରାମବିଳାଶଙ୍କ ଏଲ୍.ଜେ.ପି.ର ରାଜେଶ ବର୍ମା କହିଥିଲେ, ଏହି ବଜେଟ୍ ମାଧ୍ୟମରେ ଯୁବକ, ମହିଳା, ଗରିବ ଓ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରାଯାଇଛି । ବଜେଟ୍‌ରେ ନିଯୁକ୍ତି ସୃଷ୍ଟି ଏବଂ କୌଶଳ ବିକାଶ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି ।

ଅନ୍ୟ ପକ୍ଷରେ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ କହିଛନ୍ତି, ଚଳିତ ବର୍ଷର ବଜେଟ୍ ବେକାରୀ ଏବଂ ଗ୍ରାମାଞ୍ଚଳର ବିକାଶ ବିଷୟରେ ନିରବ ରହିଛି । ଉତ୍ତର ପ୍ରଦେଶରେ କୌଣସି ପ୍ରକଳ୍ପ ପାଇଁ ବଡ଼ ଘୋଷଣା କରାଯାଇନାହିଁ । ଶ୍ରୀ ଯାଦବ କହିଥିଲେ, ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହାକୁ ନିୟନ୍ତ୍ରଣ କରିବା ଲାଗି କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ । ଏଥିସହିତ ଦେଶରେ ରପ୍ତାନୀରେ ମଧ୍ୟ ହ୍ରାସ ଦେଖିବାକୁ ମିଳୁଛି । ସେହିପରି ସି.ପି.ଆଇ.(ଏମ୍)ର ଅମରା ରାମ ଅଭିଯୋଗ କରିଛନ୍ତି, କେନ୍ଦ୍ର ବଜେଟ୍‌ରେ କୃଷକ, ସୈନିକ, ମହିଳା ଏବଂ ଗରିବଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ ।

କଂଗ୍ରେସର ସପ୍ତଗିରି ଶଙ୍କର ଉଲ୍ଲାକା କହିଥିଲେ, ଚଳିତ କେନ୍ଦ୍ର ବଜେଟ୍ ଅତ୍ୟନ୍ତ ଦୁର୍ବଳ । ବିହାର ଏବଂ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ସହାୟତା ଦିଆଯାଇଛି । ହେଲେ ଏଥିରେ ତାଙ୍କର କୌଣସି ଆପତ୍ତି ନଥିଲେ ମଧ୍ୟ ଓଡ଼ିଶା ପ୍ରତି ବଜେଟ୍‌ରେ ଯତ୍ନ ନିଆଯିବା ଉଚିତ୍ ଥିଲା ବୋଲି ସେ କହିଥିଲେ ।

## ରାଜ୍ୟସଭା-ବଜେଟ୍ ଆଲୋଚନା

ରାଜ୍ୟସଭାରେ ଆଜି ବଜେଟ୍ ଆଲୋଚନାରେ ଅଂଶଗ୍ରହଣ କରି ଏନ୍.ସି.ପି.ର ପ୍ରଫୁଲ୍ଲ ପଟେଲ୍ କହିଥିଲେ, ସରକାର ଆର୍ଥିକ ଶୃଙ୍ଖଳା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ୨୦୧୪ ମସିହାରୁ ଦେଶର ଆର୍ଥିକ ସ୍ୱାସ୍ଥ୍ୟ ଉତ୍ତମ ରହିଛି । ଚଳିତ ବର୍ଷର ବଜେଟ୍‌ରେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଚଳିତ କେନ୍ଦ୍ର ବଜେଟ୍ ଦେଶର ସମାବେଶୀ ଅଭିବୃଦ୍ଧି ଏବଂ ଅର୍ଥନୈତିକ ତଥା ସାମାଜିକ ବିକାଶ ପାଇଁ ଉଦ୍ଦିଷ୍ଟ । ଅଗ୍ନିବୀର ଯୋଜନା ଉପରେ କଂଗ୍ରେସ ଉଠାଇଥିବା ପ୍ରଶ୍ନର ଉତ୍ତର ରଖି ଶ୍ରୀ ନଡ୍ଡା କହିଥିଲେ, ଏହି ଯୋଜନା ଭାରତୀୟ ସଶସ୍ତ୍ର ବାହିନୀକୁ ମଜବୁତ

କରିବା ପାଇଁ ଉଦ୍ଦିଷ୍ଟ । ମୁଖ୍ୟ ବିରୋଧୀ ଦଳ ଏହାକୁ ନେଇ ରାଜନୀତି କରୁଥିବା ସେ ଅଭିଯୋଗ କରିଛନ୍ତି ।

## ଏନ୍‌ପିଏସ୍‌–ପେ କମିଶନ୍‌

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବେତନ ସଂଶୋଧନ ପାଇଁ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ କରାଯିବାର କୌଣସି ପ୍ରସ୍ତାବ ନାହିଁ । ସରକାରୀ କର୍ମଚାରୀଙ୍କ ପାଇଁ ପେନ୍‌ସନ୍‌ ବ୍ୟବସ୍ଥାର ସମୀକ୍ଷା ଲାଗି ଗଠିତ କମିଟି ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିନାହିଁ । ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି । ନୂତନ ପେନ୍‌ସନ୍‌ ଯୋଜନାକୁ ରଦ୍ଦ କରିବା ଏବଂ ପୁରୁଣା ପେନ୍‌ସନ୍‌ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ବିଭିନ୍ନ ମହଲରୁ ହୋଇଥିବା ଆବେଦନକୁ ଗ୍ରହଣ କରାଯାଇଛି । ଏଗୁଡ଼ିକୁ ପେନ୍‌ସନ୍‌ ବ୍ୟବସ୍ଥା ସମୀକ୍ଷା ପାଇଁ ଗଠିତ କମିଟି ସମ୍ମୁଖରେ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଲୋକସଭା–ସଫେଇ

ସ୍ୱରେଜ ସଫେଇର ସମ୍ପୂର୍ଣ୍ଣ ଯାନ୍ତ୍ରିକିକରଣ ଏବଂ ହସ୍ତଚାଳିତ ସଫେଇର ଉଚ୍ଛେଦ ପାଇଁ ବର୍ତ୍ତମାନ କୌଣସି ବିଲ୍‌ର ପ୍ରସ୍ତାବିତ ନ ଥିବା

ସରକାର କହିଛନ୍ତି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେ ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ହସ୍ତଚାଳିତ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ନିଷେଧ ଏବଂ ସେମାନଙ୍କୁ ପୁନର୍ବାସ ଆଇନ୍ ୨୦୧୪ରେ ସଂଶୋଧନ ପାଇଁ ଏକ ପ୍ରସ୍ତାବ ରହିଛି । ଏଥିରେ ସୁରକ୍ଷିତ ସଫେଇ କାର୍ଯ୍ୟ ପାଇଁ ସଂସ୍ଥାଗତ ବ୍ୟବସ୍ଥାକୁ ବିଧିବଦ୍ଧ କରିବାର ଲକ୍ଷ୍ୟ ରଖାଯାଇଛି ।

## କେରଳ ଭୂସ୍ଖଳନ

କେରଳ ଓ୍ୱାଇନାଡ଼ ଜିଲ୍ଲା ଭୂସ୍ଖଳନ ମୃତ୍ୟୁ ସଂଖ୍ୟା ୯୩କୁ ବୃଦ୍ଧି ପାଇଛି । ଭଗ୍ନାବଶେଷ ତଳେ ଏବେବି ବହୁ ଲୋକ ଚାପି ହୋଇରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ୧୨୮ରୁ ଅଧିକ ଆହତଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ସେନାବାହିନୀକୁ ସାମିଲ କରାଯାଇଛି । ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୧୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି । ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ୍ କହିଛନ୍ତି, ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଦୁଇ ଦିନ ପାଇଁ ରାଜ୍ୟରେ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ଚୁରାମାଳା ଠାରେ ନଦୀ ପୋଲ ଧୋଇ ଯାଇଥିବାରୁ ଜରୁରୀକାଳୀନ ଯାନବାହନ ଗୁଡ଼ିକ

ଥମରାସେରି ରାସ୍ତା ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି । ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଗସ୍ତ ନ କରିବାପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି ।

ଅନ୍ୟ ପକ୍ଷରେ ଭାରତୀୟ ପାଣିପାଗ ବିଭାଗ କହିଛି, କେରଳରେ ଆହୁରି ବର୍ଷା ହୋଇପାରେ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବର୍ଷା ପରିମାଣକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲା ପାଇଁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

## ଝାଡ଼ଖଣ୍ଡ-ରେଳ ଦୁର୍ଘଟଣା

ଝାଡ଼ଖଣ୍ଡରେ ହାଓଡ଼ା-ମୁମ୍ବାଇ ଟ୍ରେନ୍ ଦୁର୍ଘଟଣା ପରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି । ଆଜି ସକାଳେ ଚକ୍ରଧରପୁର ରେଳ ଡିଭିଜନ୍ ଅନ୍ତର୍ଗତ ପୋଟୋବେଡ଼ା ଗ୍ରାମ ନିକଟରେ ବାରାବମ୍ବୋ ଏବଂ ଖରସାଓ୍ୱା ଷ୍ଟେସନ୍ ମଧ୍ୟରେ ହାଓଡ଼ା-ମୁମ୍ବାଇ ମେଲ୍‌ର ୧୮ଟି ବଗି ଲାଇନଚ୍ୟୁତ ହେବା ପରେ ଦୁଇ ଜଣ ଯାତ୍ରୀଙ୍କ ମୃତ୍ୟୁ ହେବା ସହ ୨୪ ଜଣ ଆହତ ହୋଇଛନ୍ତି । ଟ୍ରେନ୍‌ର ବି-୪ କୋଚ୍‌ରୁ ଦୁଇଜଣ ଯାତ୍ରୀଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଟ୍ରେନ୍‌ଟି ହାଓଡ଼ାରୁ ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିବା ବେଳେ ରେଳବାଇ ପକ୍ଷରୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ଏଥିସହିତ ଗୁରୁତର ଆହତ ଯାତ୍ରୀଙ୍କ ପାଇଁ ୫ଲକ୍ଷ ଟଙ୍କା ଏବଂ ଆହତ ଯାତ୍ରୀଙ୍କ ପାଇଁ ୧ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ଦୁର୍ଘଟଣା ପରେ ୧୧ଟି ଦୂରଗାମୀ ଏବଂ ୬ଟି ସ୍ୱଳ୍ପଗାମୀ ଟ୍ରେନ୍ ବାତିଲ୍ କରାଯାଇଥିବାବେଳେ ୧୭ଟି ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି । ରେଳବାଇ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

## ଭିଏତନାମ୍-ପିଏମ୍ ଭିଜିଟ୍

ଭିଏତ୍‌ନାମ୍ ପ୍ରଧାନମନ୍ତ୍ରୀ ପାମ୍ ମିନ୍ ଚୀନ୍ ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ରାତିରେ ନୂଆଦିଲ୍ଲୀରେ ପହଞ୍ଚିବେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ଭିଏତ୍‌ନାମ୍ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବ୍ୟବସାୟୀ ଗୋଷ୍ଠୀ ସାମିଲ ଅଛନ୍ତି । ରାଷ୍ଟ୍ରପତି ଭବନରେ ଆସନ୍ତା ଶୁକ୍ରବାର ଦିନ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ଭାଷଣ କରାଯିବ । ରାଜଘାଟ ଠାରେ ମହାତ୍ମା ଗାନ୍ଧିଙ୍କ ସମାଧି ସ୍ଥଳରେ ସେ ଶ୍ରଦ୍ଧାସୁମନ ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ

ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପ୍ରଧାନମନ୍ତ୍ରୀ ମିନ୍ ଚୀନ୍‌ଙ୍କ ଗସ୍ତର ଉଦ୍ଦେଶ୍ୟ । ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଭିଏତ୍‌ନାମ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଭାଗିତା ନେଇ ଅନେକ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

## ମନୁ-ବ୍ରୋଞ୍ଜ

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ଆଉ ଏକ ସଫଳତା ମିଳିଛି । ୧୦ ମିଟର ବନ୍ଧୁକ ଚାଳନାରେ ଭାରତର ମନୁ ଭାକର ଓ ସରବଜୋତ ସିଂହ ଦକ୍ଷିଣ କୋରିଆର ଓ ୟେ-ଜିନ୍ ଏବଂ ଲି ଓ୍ୱାନ୍-ହୋ ଯୋଡ଼ିଙ୍କୁ ୧୬-୧୦ ସେଟ୍‌ରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ବିଜୟ ସହିତ ମନୁ ଭାକର ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାରେ ସ୍ୱାଧୀନତା ପରବର୍ତ୍ତି ପ୍ରଥମ ଭାରତୀୟ ଆଥଲେଟ୍ ଭାବେ କ୍ରୀଡ଼ା ଇତିହାସରେ ନିଜର ନାମ ଲେଖାଇଛନ୍ତି ।

ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନୁ ଭାକର ଏବଂ ସରବଜୋତ ସିଂହଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଗୋଟିଏ ଅଲିମ୍ପିକ୍ସ ଖେଳରେ ଦୁଇଟି ପଦକ ଜିତି ମନୁ ଭାରତର ପ୍ରଥମ

ମହିଳା ସୁଟର ଭାବେ ଦେଶକୁ ଗର୍ବିତ କରିଛନ୍ତି । ରାଷ୍ଟ୍ରପତି ଭବିଷ୍ୟତରେ ଏହି ଦୁଇ ଖେଳାଳିଙ୍କ ଠାରୁ ଆହୁରି ଅନେକ ପୁରସ୍କାର କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଉଭୟ ଭାରତୀୟ ବନ୍ଧୁକ ଚାଳକଙ୍କ ଅଲିମ୍ପିକ୍ସ ଗେମ୍‌ରେ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭାରତୀୟ ବନ୍ଧୁକ ଚାଳକମାନେ ଦେଶକୁ ଗର୍ବିତ କରିବା ଉଦ୍ୟମ ଜାରି ରଖିଛନ୍ତି । ଉଭୟ ଖେଳାଳି କୌଶଳ ଏବଂ ଦଳଗତ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଛନ୍ତି, ଯାହା ତାଙ୍କର ନିରନ୍ତର ଉତ୍କର୍ଷ ଏବଂ ଉତ୍ସର୍ଗୀକୃତ ମନୋଭାବକୁ ଦର୍ଶାଉଛି ।

## ଭାରତ-ଶ୍ରୀଲଙ୍କା ତୃତୀୟ ଟି-୨୦

ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ତୃତୀୟ ମ୍ୟାଚ୍ ଆଜି ସନ୍ଧ୍ୟାରେ ଶ୍ରୀଲଙ୍କାର ପାଲ୍ଲେକେଲ ଷ୍ଟାଡିୟମ୍ ଠାରେ ଖେଳାଯିବ । ବର୍ଷା ଯୋଗୁଁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହେବାର ସମ୍ଭାବନା ରହିଛି । ଦୁଇଟି ମ୍ୟାଚ୍ ଜିତି ଭାରତ ଏହି ଶୃଙ୍ଖଳାକୁ ନିଜ ସପକ୍ଷରେ ଅକ୍ତିଆର କରିସାରିଛି ।